# Akashvani, Sambalpur

## SAMBALPURI NEWS EVENING BULLETIN

## 10 August 2025- 7.02 pm- 7.12 pm.

*******************************************

୧- ଆଦିବାସୀ ବହୁଳ ଇଲାକା ନ ରୋଗୀସେବାକେ ପ୍ରାଧାନ୍ୟ ଦେଉଛନ୍ ରାଜ୍ୟ ସର୍କାର୍ - କହେଲେ ମୁଖ୍ୟମନ୍ତ୍ରୀ ।

- ୨ ଶହ ୮୦ କୋଟି ଟଙ୍କା ଖର୍ଚ୍ଚାଥି ୬ ଶହ ୫୦ ଶଯ୍ୟା ଥିବା କୋରାପୁଟ୍ ଶହୀଦ୍ ଲକ୍ଷ୍ମଣ୍ ନାଏକ୍ ଭେଷଜ ମହାବିଦ୍ୟାଳୟର୍ ନୂଆଁ କୋଠାର୍ କଲେ ଲୋକାର୍ପଣ୍ ।

୨- ରାଜ୍ୟର୍ ୧୨ ଟା ଜିଲ୍ଲା ନ ଆଏଜ୍‌ଠାନୁ ମୁଲ୍ ହେଇଛେ ଫାଇଲେରିଆ ନିରାକରଣ୍ ସାମୂହିକ୍ ଉଷୋ ଖୁଆବାର୍ ଅଭିଯାନ୍ ।

୩- ଜୈବ ବିବିଧତା ଆଉ ପରିବେଶ୍ ସନ୍ତୁଳନ୍‌ଥି ସିଂହମାନ୍‌କର୍ ଗୁରୁତ୍ୱ ଆଉ ସୁରକ୍ଷା ବାବ୍‌ଦେ ସଚେତନ୍ କର୍‌ବାର୍ ଉଦ୍ଦେଶ୍ୟଥି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ସିଂହ ଦିବସ୍ ।

ଆଉର୍

୪- ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ମୁଲ୍ ହେଲା ବିଶ୍ୱ ଦୌଡ଼କୁଦ କଂଟିନେଂଟାଲ୍ ପ୍ରତିଯୋଗିତା ।

ମୁଖ୍ୟମନ୍ତ୍ରୀ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କୋରାପୁଟ୍ ଗସ୍ତର୍ ୨ ନମ୍ବର୍ ଦିନେ ଆଏଜ୍ କୋରାପୁଟ୍‌ର ଶହୀଦ୍ ଲକ୍ଷ୍ମଣ ନାଏକ୍ ମେଡ଼ିକାଲ୍ କଲେଜ୍ ଆଉ ହାସ୍‌ପାତାଲ୍ ଠାନେ ୨ ଶହ ୮୦ କୋଟି ଟଙ୍କା ଖର୍ଚ୍ଚାଥି ୬ ଶହ ୫୦ ଟା ଶଯ୍ୟାର ଚିକିତ୍ସାଲୟକେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ରାଜ୍ୟ ସର୍‌କାର୍ ଆଦିବାସୀ ବହୁଳ ଇଲାକା ନ ରୋଗୀ ସେବା ଲାଗି ସବୁ ପ୍ରକାର୍‌ର ସାହାଜ୍ ଯୁଗେଇ ଦେବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଜୟପୁର୍-ବ୍ରହ୍ମପୁର୍-ଭୁବ୍‌ନେଶ୍ୱର୍ ଇକୋନୋମିକ୍ କରିଡ଼ର୍ ୬ ଥାକିଆ ରାସ୍ତା ଖୋବ୍ ଜଲ୍‌ଦି ତିଆର୍ ହେବା ବଲି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ । ଇତାର୍‌ଛଡ଼ା ଜିଲ୍ଲା ନ ୪ ଶହ ୫୨ କୋଟିନୁ ଅଏତ୍‌କା ଟଙ୍କାଥି ୪ ଶହ ୩୬ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବାର୍ ସହେତେ ୩ ଶହ ୯ କୋଟି ଟଙ୍କାର୍ ଶହେ ୨୬ ଟା ନୂଆଁ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ମସ୍ୟ ଆଉ ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଆଉ ଅଲ୍‌ଗା ବିଧାୟକ୍ ମାନେ ଉପସ୍ଥିତ୍ ଥିଲେ ।

ଧର୍ମେନ୍ଦ୍ର ପ୍ରଧାନ୍ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଞ୍ଜାମ୍ ଗସ୍ତଥି ଯାଇକରି ଛତ୍ରପୁର୍ ମାଟିଖାଲ ଠାନେ ଆଇଆର୍ଇଏଲ୍ (ଇଣ୍ଡିଆ ଲିମିଟେଡ୍) ପରିସର୍ ନ ସମୁଦ୍ର ପାଏନ୍କେ ପିଇବାର୍ ପାଏନ୍ କର୍ବାର୍ ଲାଗି ତିଆର୍ ହେଇଥିବା ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ସ୍ଥାନୀୟ ଇଲାକା ନ ଜଲ୍ ସଂରକ୍ଷଣ୍ ଦିଗେ ଇଟା ଗୁଟେ ମାଇଲ୍ଖୁଂଟା ହେବା ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଇତାର୍ଛଡ଼ା ଶ୍ରୀ ପ୍ରଧାନ୍ ଛତ୍ରପୁର୍ ଠାନେ ହେଇଥିବା ଗରିବ୍ କଲ୍ୟାଣ୍ ସମାବେଶ୍ଥି ଯୋଗ୍ ଦେଇକରି ଉଦ୍ବୋଧନ୍ ଦେଇଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଫାଇଲେରିଆ ନିରାକରଣ୍ ଆର୍ଏନ୍ୟୁ/ କଟକ୍

ରାଏଜେ ଫାଇଲେରିଆ ନିରାକରଣ୍ ଲକ୍ଷ୍ୟଥି ଆଏଜ୍ଠାନୁ ଦୁଇ ନମ୍ବର୍ ଖେପ୍ ସାମୂହିକ୍ ଉଷୋ ଖୁଆ ଅଭିଯାନ୍ ମୁଲ୍ ହେଇଛେ । ଇ ମାସର୍ ୧୯ ତାରିଖ୍ ତକ୍ ଇ ଅଭିଯାନ୍ଥି ୧ କୋଟି ୭୦ ଲାଖ୍ ଲୁକ୍କୁ ଫାଇଲେରିଆ ଉଷୋ ଖୁଆବାର୍କେ ଲକ୍ଷ୍ୟ ରଖାଯାଇଛେ । ଇ ବାବ୍ଦେ ଶୁନୁନ୍ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍- ତେଜଶ୍ରୀ ମିଶ୍ର)

ରାଜ୍ୟର୍ ୧୨ ଟା ଜିଲ୍ଲା ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଢେଙ୍କାନାଲ୍, ଗଞ୍ଜାମ୍, ଝାର୍‌ସୁଗୁଡ଼ା, ଯାଜ୍‌ପୁର୍, ମୟୁର୍‌ଭଞ୍ଜ, କେନ୍ଦୁଝର୍, ଅନୁଗୁଲ୍ ଆର୍ ବାଲେଶ୍ୱର୍ ଜିଲ୍ଲା ନ ୨ ନମ୍ବର୍ ଖେପ୍ ଫାଇଲେରିଆ ସାମୂହିକ୍ ଉଷୋ ଖୁଆବାର୍ ଅଭିଯାନ୍ ମୁଲ୍ ହେଇଛେ । ଜିଲ୍ଲାମାନ୍‌କେ ଶହେ ୧୫ ଟା କାର୍ଯ୍ୟାନ୍ୱୟନ ଦଲ୍ ଜରିଏ ଇ ଅଭିଯାନ୍‌କେ କାର୍ଯ୍ୟକାରୀ କରାଯାଉଛେ । ଉଷୋ ବାଂଟ୍‌ବାର୍ କାମ୍‌ଥି ୪୧ ହଜାର୍ ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଳାମାନ୍‌କୁ ଲଗାଯାଇଛେ । ୨ ବଛର୍‌ନୁ ଅଏଡ୍‌କା ବୟସର୍ ଛୁଆ, ଗର୍ଭବତୀ ମହିଳା ଆଉ ଗୁରୁତର୍ ରୋଗୀମାନ୍‌କୁ ଇ ଉଷୋ ନାଇଁ ଦିଆଯାଇଛେ । ଅଭିଯାନ୍‌ର କାର୍ଯ୍ୟକାରିତାକେ ନେଇକରି ୪ ହଜାର୍ ଶହେ ଝନ୍ ପର୍ଯ୍ୟବେକ୍ଷକ୍‌ଙ୍କୁ ଦାୟିତ୍ୱ ଦିଆଯାଇଛେ । ରାଜ୍ୟକେ ଫାଇଲେରିଆ ମୁକ୍ତ କର୍‌ବାର୍ ଲାଗି ବଛର୍‌କ ୨ ଟା ଖେପେ ଇ ଅଭିଯାନ୍ କରାଯାଉଛେ । ଗଲା ଫେବୃଆରୀ ମାସେ ହେଇଥିବା ଅଭିଯାନ୍‌ଥି ୯୦ ପ୍ରତିଶତ୍ ସଫଲତା ମିଲିଥିଲା । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ତେଜଶ୍ରୀ ମିଶ୍ର ।

ଫାଇଲେରିଆ ନିରାକରଣ-ଜିଲ୍ଲା ସମ୍ବଲପୁର/ସୁବର୍ଣ୍ଣପୁର୍

ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ସମ୍ବଲ୍ପୁର୍ ଠାନେ  ଫାଇଲେରିଆ ନିରାକରଣ୍ ଅଭିଯାନ୍‌ର ଶୁଭାରମ୍ଭ କରିଛନ୍ । ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟ ଅଡ଼ିଟୋରିୟମ୍ ନ ପ୍ରଶାସନ୍ ତର୍ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ମନ୍ତ୍ରୀ ଶ୍ରୀ ନାଏକ୍ ନିଜର୍ ଉଛତା ଅନ୍‌ସାରେ ଫାଇଲେରିଆ ଉଷୋ ଖାଏବାର୍ ଲାଗି ସବ୍‌କୁ ଆହ୍ୱାନ୍ ଦେଇଛନ୍ । ସମ୍ବଲ୍ପୁର୍ ସହରର୍ ଧନକଉଡ଼ା ଇଲାକା ନ ଅଏତ୍‌କା ସଂଖ୍ୟାଥି ଫାଇଲେରିଆ ରୋଗୀ ଥିବାର୍ ବେଲେ ଇତାକେ ରୁକ୍‌ବାର୍ ଲାଗି ଅଏତ୍‌କା ଗୁରୁତ୍ୱ ଦିଆଯିବା ବଲି ମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ଆଏଜ୍ ଗୁଟେ ସଚେତନତା ରଥର୍ ଭିଲ୍ ଶୁଭାରମ୍ଭ କରାଯାଇଛେ । ଇ ରଥ ଜିଲ୍ଲାର୍ ଗାଁ ଗାଁ ବୁଲିକରି ଲୁକ୍‌କୁ ଫାଇଲେରିଆ ନିରାକରଣ୍ ଉଷୋ ଖାଏବାର୍ ବାବ୍‌ଦେ ସଚେତନ୍ କର୍‌ବା ।

ସୁବର୍ଣ୍ଣପୁର୍ ଜିଲ୍ଲା ଫାଇଲେରିଆ ନିରାକରଣ୍ ଅଭିଯାନ୍ ଆଉ ସାମୂହିକ୍ ଫାଇଲେରିଆ ଉଷୋ ଖୁଆବାର୍ କାର୍ଯ୍ୟକ୍ରମ୍ ତର୍‌ଭା ବିଞ୍ଜପିତ୍ ଅଂଚଲ୍ ପରିଷଦ୍ ନ ଥିବା ଅନ୍ତର୍ଡ଼ା ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଲୟ ନ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୁଖ ଯୋଗ୍ ଦେଇଥିଲେ ।

ପ୍ରଭାତୀ ପରିଡ଼ା-କଲାହାଣ୍ଡି          କଲାହାଣ୍ଡି ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିନ୍‌କିଆ କଲାହାଣ୍ଡି ଜିଲ୍ଲା ଗସ୍ତଥି ଆସିକରି ଭବାନୀପାଟ୍‌ନା ଠାନେ ଜିଲ୍ଲା ପ୍ରଶାସନ୍ ତରଫୁ ହେଇଥିବା ତ୍ରିରଙ୍ଗା ଯାତ୍ରା ଥି ସାମିଲ୍ ହେଇଛନ୍ । ଶୋଭାଯାତ୍ରାଥି ସାଧାରଣ୍ ଲୁକେ ବିଜେପି ନେତା ଆଉ କର୍ମୀ , ବିଭାଗୀୟ କର୍ମଚାରୀ ଆଉ ଅଧିକାରୀମାନେ ସାମିଲ୍ ହେଇକରି ଗୁଟେ ମୋଟର୍ ସାଇକଲ୍ ଶୋଭାଯାତ୍ରାଥି ଭବାନୀପାଟ୍‌ନା ସହର୍ ପରିକ୍ରମା କରିଥିଲେ । ତାର୍ ଉତ୍‌ରୁ ଶ୍ରୀମତୀ ପରିଡ଼ା ଭବାନୀପାଟ୍‌ନା ପାଖର୍ ଅଟାଙ୍ଗଗୁଡ଼ା ନ ଥିବା ସକ୍ଷମ୍ ଅଙ୍ଗନ୍‌ବାଡ଼ି କେନ୍ଦ୍ରକେ ଭିଲ୍ ପରିଦର୍ଶନ୍ କରିଛନ୍ । ଇ ଅବ୍‌ସରେ ଏ.ଆଇ. ଜରିଏ ଭର୍ଚ୍ୟୁଆଲ୍ ରିୟଲିଟିଥି ଛୁଆମାନ୍‌କୁ ଦିଆଯାଉଥିବା ଉନ୍ନତ୍ ମାନର୍ ଶିକ୍ଷାର ଗୁଟେ ପାଇଲଟ୍ ପ୍ରକଳ୍ପ ଭିଲ୍ ଶ୍ରୀମତୀ ପରିଡ଼ା ସମୀକ୍ଷା କରିଛନ୍ । ଭବାନୀପାଟ୍‌ନା ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟ ନ ଭିନ୍ ଭିନ୍ ବିଭାଗ୍‌ର ସମୀକ୍ଷା ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଯୋଗ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଶୋକ          ଆର୍‌ଏନ୍‌ୟୁ/ କଟକ୍

କେନ୍ଦୁଝର୍ ଜିଲ୍ଲା ଯୋଡ଼ା ଠାନେ ବିଜ୍‌ଲି ତାର୍ ଲାଗିକରି ଗୁଟେ ଛୁଆର୍ ଜୀବନ୍ ଯିବାର୍ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକପ୍ରକାଶ୍ କରିଛନ୍ । ମୁଖ୍ୟମନ୍ତ୍ରୀ

ମୃତକଙ୍କର୍ ପରିବାର୍ ଲୁକ୍‌କୁ ତାକର୍ ରିଲିଫ୍ ପାଣ୍ଠିନୁ ୪ ଲାଖ୍ ଟଙ୍କା ଅନୁକମ୍ପାମୂଳକ୍ ସାହାଜ୍ ଘୋଷ୍‌ନା କରିଛନ୍ ।

ରାଷ୍ଟ୍ରପତି ଭବନ୍ - ରାକ୍ଷୀ      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ସଙ୍ଗେ  ସୁନ୍ଦର୍‌ଗଡ୍ ଆଉ କନ୍ଧମାଲ୍ ଜିଲ୍ଲାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଲୟର୍ ୨୦ ଝନ୍ ବିଦ୍ୟାର୍ଥୀ ରାକ୍ଷୀପୁନି ମନେଇଛନ୍ । ରାଷ୍ଟ୍ରପତିଙ୍କୁ ଇ ବିଦ୍ୟାର୍ଥୀମାନେ ଧାନ୍‌ଥି ତିଆର୍ ହେଇଥିବା ଜଗନ୍ନାଥଙ୍କର୍ ମୁଖ କଳାକୃତି ଥିବା ରାକ୍ଷୀ ପିନ୍ଧେଇଛନ୍ । ସୁନ୍ଦର୍‌ଗଡ୍ ଆଉ କନ୍ଧମାଲ୍ ଜିଲ୍ଲାର୍ ୪ ଟା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଲୟର୍ ବିଦ୍ୟାର୍ଥୀ ଆଉ ୪ ଝନ୍ ଶିକ୍ଷକ୍, ଶିକ୍ଷୟିତ୍ରୀ ରାଷ୍ଟ୍ରପତି ଭବନ୍ ନୁ ନିଉତା ପାଏବାର୍ ଉତ୍‌ରୁ ରାକ୍ଷୀପୁନି ପାଲନ୍ କର୍‌ବାର୍ ଲାଗି ନୂଆଦିଲ୍ଲୀ ଯାଇଥିଲେ ।

ଗଙ୍ଗାଧର୍ ଜୟନ୍ତୀ          ଆର୍‌ଏନ୍‌ୟୁ/ ସମ୍ବଲପୁର/ନୂଆପଡ଼ା

ସ୍ୱଭାବ କବି ଗଙ୍ଗାଧର ମେହେର୍‌ଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ଗଙ୍ଗାଧର୍ ସାହିତ୍ୟ ଆଉ ସଙ୍ଗୀତ ଉତ୍ସବ୍ ହେଇଯାଇଛେ । ସମ୍ବଲପୁର ମୁଦିପଡ଼ାର ଡକ୍ଟର୍ ରାଧାନାଥ ରଥ କମ୍ୟୁନିଟି

ସେଂଟର୍ ନ ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି  ଡକ୍ଟର୍ କୃଷ୍ଣକେଷବ ଷଡ଼ଙ୍ଗୀ ଗଙ୍ଗାଧର ସାହିତ୍ୟ କୃତି ଉପ୍‌ରେ ବିସ୍ତୃତ୍  ଆଲୋଚନା କରିଛନ୍ । ଇ ଅବ୍‌ସରେ ପ୍ରଫୁଲ୍ଲ ମିତ୍ରଙ୍କର୍ ନିର୍ଦ୍ଦେଶନାଥି ସୁରମନ୍ଦିର୍ କଳାକାର୍‌ମାନେ ଗଙ୍ଗାଧର୍ ସଂଗୀତ୍ ପରିବେଷଣ୍ କରିଥିଲେ । ଇତାର୍‌ଛଡ଼ା ପର୍ଶ୍ଚିମ ଓଡ଼ିଶାର୍ ଲୋକକଳା ସଂଚାର୍ ଜରିଏ ଗଙ୍ଗାଧର୍ ମେହେର୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛେ ।

ସେନ୍ତା ନୂଆପଡ଼ା ଜିଲ୍ଲା ସିନାପାଲି ଠାନେ ଗଙ୍ଗାଧର୍ ସାହିତ୍ୟ ସାରସ୍ୱତ ସମିତି ତର୍‌ଫୁ ଗଙ୍ଗାଧର୍ ମେହେର୍‌ଙ୍କର୍ ଜୟନ୍ତୀ ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ, ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ପ୍ରମୁଖ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ୩ ଝନ୍ ବିଶିଷ୍ଟ କବିଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଛେ ।

ସିଂହ ଦିବସ            ଆର୍‌ଏନ୍‌ୟୁ କଟକ୍

ଜୈବ ବିବିଧତା ଆଉ ପରିବେଶ୍ ସନ୍ତୁଳନ୍‌ଥି ସିଂହମାନ୍‌କର୍ ଗୁରୁତ୍ୱ ଆଉ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଉଦ୍ଦେଶ୍‌ଥି ଆଏଜ୍ ବିଶ୍ୱ ସିଂହ ଦିବସ୍ ପାଳନ୍ କରାଯାଉଛେ । ଜଙ୍ଗଲ୍ ନ ସିଂହମାନେ ଭୁଗୁଥିବା ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଉଦ୍ଦେଶ୍ୟଥି

୨୦୧୩ ଅଗଷ୍ଟ ୧୦ ତାରିଖ୍ ଦିନ ପହେଲା ବିଶ୍ୱ ସିଂହ ଦିବସ୍ ପାଲନ୍ କରାଯାଇଥିଲା । ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ୍ ସଂଘ ଆଇୟୁସିଏନ୍ ର ଆକଲନ୍ ଅନ୍‌ସାରେ ସାରା ପୁର୍‌ଥି ନ ସିଂହମାନ୍‌କର୍ ସଂଖ୍ୟା ୨୩ ହଜାର୍‌ନୁ ୩୯ ହଜାର୍ ଭିତ୍‌ରେ ରହିଛେ । ପଶ୍ଚିମ ମଧ ଆଉ ପୂର୍ବ ଆଫ୍ରିକା ନ ସିଂହମାନ୍‌କର୍ ସଂଖ୍ୟା ଖୋବ୍ ଜୋର୍‌ରେ କମୁଛେ । ୨୦୨୦ ସିଂହ ଗଣନା ଅନ୍‌ସାରେ ଭାରତ୍ ନ ସିଂହ ମାନ୍‌କର୍ ସଂଖ୍ୟା ୩୨ ଦଶ୍‌ମିକ୍ ୨ ପ୍ରତିଶତ୍ ବଢ଼ିଛେ । ୨୦୨୫ଥି କରାଯାଇଥିବା ସିଂହ ଗଣନା ଅନ୍‌ସାରେ ଦେଶେ ଇମାନ୍‌କର୍ ସଂଖ୍ୟା ୮ ଶହ ୯୧ ରହିଛେ ।

## ସମଲେଶ୍ୱରୀ ମନ୍ଦିର-ବୈଠକ୍        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ସମଲେଶ୍ୱରୀ ମନ୍ଦିର୍ ପରିସର୍ ନ ଥିବା ଟ୍ରଷ୍ଟବୋର୍ଡ଼ କାର୍ଯ୍ୟାଲୟ ନ ସଭାପତି ସଞ୍ଜୟ ବାବୁଙ୍କର୍ ସଭାପତିତ୍ୱଥି ଆଏଜ୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଟ୍ରଷ୍ଟବୋର୍ଡ଼୍‌ର ସଭ୍ୟ ଆଉ ସମ୍ବଲ୍‌ପୁର୍‌ର ନାଁକରା ସଙ୍ଗୀତ୍ ନିର୍ଦ୍ଦେଶକ୍, ଗାୟକ୍ ଆର୍ କଲାକାର୍‌ମାନେ ସାମିଲ୍ ହେଇଥିଲେ । ବହୁତ୍ ଦିନୁ ପ୍ରସ୍ତାବ୍ ଥିବା ମା’ ସମଲେଶ୍ୱରୀଙ୍କର୍ ମନ୍ଦିର୍ ନ ଭଜନ୍ ପରିବେଷଣ୍ ଲାଗି ବୈଠକ୍‌ଥି ଆଲୋଚନା ହେଇଥିଲା । ପହେଲା କରି ମାସର୍ ୨ ଟା ରଏବାର୍ ବେଲ୍‌ବୁଡ଼େ ଭଜନ୍ କାର୍ଯ୍ୟକ୍ରମ୍ କର୍‌ବାର୍

ଲାଗି ନିଷ୍ପତି ନିଆଯାଇଛେ । ଆଏବା ରଏବାର୍ ଦିନ ବେଲ୍‌ବୁଡ଼ର ୫ ବଜୁ ଇ ଭଜନ୍ ସନ୍ଧ୍ୟା ମୁଲ୍ ହେବା ବଲି ବୈଠକ୍‌ନୁ ସୂଚ୍‌ନା ମିଲିଛେ ।

ଆସ ସ୍କୁଲ୍ ଯିବା -ବୈଠକ୍            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଯୋଗୀନ୍ଦ୍ରଦେବ୍ ଉଚ୍ଚବିଦ୍ୟାଲୟ ସଭାଗୃହ ନ  ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍‌ଲାଲ୍ ଦୁବେଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ଆସ ସ୍କୁଲ୍ ଯିବା ଅଭିଯାନ୍ ଯୋଜ୍‌ନା ବୈଠକ୍ ହେଇଯାଇଛେ । ଜନମ୍ ନୁ ୧୮ ବଛର୍ ବୟସର୍ ଛୁଆମାନେ କେନ୍‌ସି କାରଣ୍‌ନୁ ସ୍କୁଲ୍‌ଥି ନାଁ ନାଇଁ ଲେଖେଇପାରି ନାହେତ ନାଁ ଲେଖା ହେଇଛେ ଆଉ ସ୍କୁଲ୍‌କେ ନାଇଁ ଆସ୍‌ବାର୍ ସେମାନ୍‌କର୍ ଚିହ୍ନଟ୍ ପ୍ରକ୍ରିୟା ଶେଷ୍ ହେଇଛେ । ସବୁ ବିଦ୍ୟାଳୟ ନ ଖାସ୍ ଅଭିଭାବକ୍ ବୈଠକ୍ ଗାଁ ମାନ୍‌କେ ଗ୍ରାମ୍‌ସଭା ଆଉ କ୍ଲଷ୍ଟର୍ ନ ଶିକ୍ଷା ସଭା କରିକରି କାମ୍ କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା ହେଇଛେ ।

ଦୌଡ଼କୁଦ ପ୍ରତିଯୋଗିତା        ଆର୍‌ଏନ୍‌ୟୁ/ କଟକ୍

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏଜ୍ ବିଶ୍ୱ  ଏଥ୍‌ଲେଟିକ୍ କଂଟିନେଂଟାଲ୍ ଟୁର୍ ବ୍ରୋଞ୍ଜ୍ ଦୌଡ଼କୁଦ ପ୍ରତିଯୋଗିତା

ହେଉଛେ । କାର୍ଯ୍ୟକ୍ରମ୍‌ଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇଛନ୍ । ୧୮ ଟା ବର୍ଗଥି ହେବାର୍‌କେ ଥିବା ପ୍ରତିଯୋଗିତାଥି ଭାରତ୍‌କେ ମିଶେଇକରି ୧୭ ଟା ଦେଶର୍ ମୋଟ୍ ଶହେ ୬୦ ଝନ୍ ପ୍ରତିଯୋଗୀ ଇଥି ଭାଗ୍ ନେଉଛନ୍ । ପ୍ରତିଯୋଗିତାକେ ଅଏତ୍‌କା ଆକର୍ଷଣୀୟ କର୍‌ବାର୍ ଆଉ ପ୍ରତିଯୋଗୀମାନ୍‌କୁ ପ୍ରୋତ୍ସାହନ୍ ଦେବାର୍ ଲକ୍ଷ୍ୟ ନେଇକରି ଷ୍ଟାଡ଼ିୟମ୍‌କେ ଦର୍ଶକ୍‌ମାନ୍‌କର୍ ଉପସ୍ଥିତିକେ ମାହାଲିଆ କରାଯାଇଛେ । ଭାରତ୍‌ର ୯୦ ନୁ ଅଏତ୍‌କା ଖେଲାଲି ଇଥି ଭାଗ୍ ନେଇଛନ୍ । ଓଡ଼ିଶାର୍ ଅନିମେଷ୍ କୁଜୁର, ଶ୍ରାବଣୀ ନନ୍ଦ, ଲାଲୁପ୍ରସାଦ୍ ଭୋଇ ଆଉ ପ୍ରଜ୍ଞାନ୍ ସାହୁ ଇ ଦୌଡ଼କୁଦ ପ୍ରତିଯୋଗିତାଥି ଭାଗ୍ ନେଇଛନ୍ । କାର୍ଯ୍ୟକ୍ରମ୍‌ଥି

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ଆଏବା କାଏଲ୍‌ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କର୍ ସହେତେ ରାଜ୍ୟର୍ ୨୪ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ ।